
# ପିଲାଙ୍କ ଧରିତ୍ରୀ

ଶନିବାର, ୧୩ ଅକ୍ଟୋବର, ୨୦୧୮



୩ ଆସ ପାଳିବା ଦୁର୍ଗାପୂଜା

୬ କହିଲ ଦେଖି



୭ ଦୁର୍ଗାପୂଜା କେଉଁଠି କେମିତି





୮ ଆଇନା



## ରଙ୍ଗ ଦିଅ



## ଖିଲି ଖିଲି ହସ

ଜଣେ ମା' ତାଙ୍କ ପୁଅକୁ ଅପେକ୍ଷା କରି କରି ସ୍ୱାମୀଙ୍କୁ କହିଲେ –ଆଜିକାଲି ମଶା ବରଂ ଦାୟିତ୍ୱସମ୍ପନ୍ନ ହୋଇ ସନ୍ଧ୍ୟା ସୁଦ୍ଧା ଘରେ ପହଞ୍ଚୁଛନ୍ତି ହେଲେ ପିଲାଙ୍କର କିଛି ଠିକଣା ରହୁନି।

ନେହା ତା' ସାଙ୍ଗ ସୋହାକୁ କହିଲା– ତୁ କେଉଁଠି ରହୁଛୁ ?
ସୋହା–ମୁଁ କେନାଲରୋଡ଼ରେ ।
ନେହା: କାହିଁକି କେନାଲ ରୋଡ୍‌ରେ ରହୁଛୁ, ଚାଲ୍ ଆମ ଘରେ ରହିବୁ।

ଜଣେ ମହିଳା ଚପଲ ଦୋକାନକୁ ଗଲେ ଚପଲ କିଣିବାକୁ। ଦୋକାନୀ ସବୁ ଚପଲ ଦେଖାଇସାରି କହିଲେ–ମୁଁ ସବୁ ଚପଲ ଦେଖାଇସାରିଛି ଆପଣଙ୍କୁ। ହଠାତ୍ ମହିଳାଙ୍କ ନଜର ପଡ଼ିଲା–ଗୋଟେ ଡବା ଉପରେ। ସେ କହିଲେ–ଏଥିରେ କ'ଣ ଅଛି ମୁଁ ଦେଖିବି ?
ଦୋକାନୀ: ମ୍ୟାଡମ୍ ଟିକେ ଦୟା କରନ୍ତୁ ଏଥିରେ ମୋ ଲଞ୍ଚ ଅଛି।

## ମତାମତ



ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ମୁଁ ହସିବି, ଖୁସି ରହିବି' ବେଶ୍ ଶିକ୍ଷଣୀୟ ହୋଇଛି। ଗୁଣ୍ଡୁଚି ମୂଷା କିପରି ପ୍ରଜାପତିଠାରୁ ଖୁସି ରହିବା ଶିଖିପାରିଲା ତାହା ଏହି ଗପରୁ ଜାଣିବାକୁ ମିଳିଲା।
–ଅଙ୍କିତା ଦାସ, ଗୌତମ ନଗର,ଭୁବନେଶ୍ୱର

ନୃତ୍ୟାଙ୍ଗନା ଭନିଷାଙ୍କ ବହୁମୁଖୀ ପ୍ରତିଭା ବାସ୍ତବରେ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗାଇବ। ପାଠପଢ଼ା ସହିତ ବିଭିନ୍ନ ନୃତ୍ୟରେ ତାଙ୍କର ଦକ୍ଷତା ବେଶ୍ ପ୍ରଶଂସନୀୟ।
– ଲେଲିନ୍ ମହାପାତ୍ର, କବିସୂର୍ଯ୍ୟନଗର, ଗଞ୍ଜାମ

ଜଣା ଅଜଣା ସ୍ତମ୍ଭଟି ସବୁରେ ଉପାଦେୟ। ଏଥିରେ ପ୍ରକାଶିତ ହ୍ୱିପିଙ୍ଗ୍ କ୍ରେନ୍ ବା ରାଜହଂସର ରାବ ୩ ମାଇଲ୍ ପର୍ଯ୍ୟନ୍ତ ଶୁଣାଯାଏ ଜାଣି ଆଶ୍ଚର୍ଯ୍ୟ ଲାଗିଲା।
– ଦିଶା, ରିଚା, ଲିଙ୍କରୋଡ୍, କଟକ

ରଙ୍ଗଦିଅ ଓ ବିନ୍ଦୁ ଯୋଡ କରିବାକୁ ଖୁବ୍ ମଜା ଲାଗୁଛି।
– ଅନିମେଷ ଶତପଥୀ, ରାଜନଗର, କେନ୍ଦ୍ରାପଡା

# ମହିଷମର୍ଦ୍ଦିନୀ ଦୁର୍ଗା

ଗପ



ବହୁ ବର୍ଷ ପୂର୍ବେ ମହିଷାସୁର ନାମରେ ଜଣେ ରାକ୍ଷସ ଥିଲା । ରାକ୍ଷସ କୁଳରେ ଜନ୍ମ ନେଇଥିବାରୁ ତା' ଆଚରଣ ହିଂସ୍ର ଓ ଅହଂକାରୀ ସ୍ୱଭାବର ଥିଲା । ସେଥିପାଇଁ ସବୁବେଳେ ସେ ନିଜକୁ ବଳବାନ୍ ଭାବେ । ଦିନେ ନିଜର ବଳ ପ୍ରୟୋଗ କରିବାକୁ ସେ ଦେବତାଙ୍କ ଉପରେ ଆକ୍ରମଣ କଲା । ମାତ୍ର ଦେବତାମାନେ ତାକୁ ପରାସ୍ତ କଲେ । ମହିଷାସୁର ଏ ଅପମାନ ସହିପାରିଲା ନାହିଁ । ସେହି ଦିନଠୁ ସେ ଶପଥ ନେଲା ଯେ, ସେ ଏହି ଅପମାନର ପ୍ରତିଶୋଧ ନେବ ଏବଂ ଦେବତାଙ୍କୁ ପରାସ୍ତ କରି ତ୍ରିପୁର ବିଜୟୀ ହେବ।

ସେହିଦିନଠୁ ମହିଷାସୁର ନିଜର ଶପଥ ପୂରା କରିବାକୁ ବ୍ରହ୍ମଦେବଙ୍କୁ ତପସ୍ୟା କଲା। ଝଡ ବର୍ଷା ସହି ଏକ ଲୟରେ ବ୍ରହ୍ମାଙ୍କୁ ସାଧନା କଲା। ମହିଷାସୁରର ଏହି କଠୋର ତପସ୍ୟାରେ ବ୍ରହ୍ମା ପ୍ରଶନ୍ନ ହେଲେ ଏବଂ ତାକୁ ବର ଦେବାକୁ ଉଭା ହେଲେ। ବ୍ରହ୍ମାଙ୍କୁ ଦେଖି ମହିଷାସୁର ଖୁସି ହେଲା ଏବଂ ବରମାଗି କହିଲା – 'ହେ ! ବ୍ରହ୍ମଦେବ, ମୋତେ ଏମିତି ଏକ ବର ଦିଅନ୍ତୁ ଯେମିତି କୌଣସି ପୁରୁଷ ମୋତେ ମାରିପାରିବେ ନାହିଁ ' । କାରଣ ମହିଷାସୁରର ଧାରଣା ଥିଲା ନାରୀମାନେ ଦୁର୍ବଳା ବୋଲି। ଏଣୁ, ଏ ବରପାଇଲେ ସେ ଅମର ହୋଇଯିବ ଏବଂ ତ୍ରିଲୋକର ରାଜା ହେବ। ମାତ୍ର ବ୍ରହ୍ମାଙ୍କ ବିଚାର କିଛି ଅଲଗା ଥିଲା। ସେଥିପାଇଁ ବ୍ରହ୍ମା ତଥାସ୍ତୁ କହି ବର ପ୍ରଦାନ କଲେ। ବର ପାଇ ମହିଷାସୁର ଗର୍ବରେ ଫାଟି ପଡ଼ିଲା। ତା' ଅହଙ୍କାର ଆହୁରି ବଢ଼ିଗଲା। ପୂର୍ବ ଅପମାନର ପ୍ରତିଶୋଧ ନେବାକୁ ଯାଇ ସେ ଦେବତାଙ୍କୁ ଆକ୍ରମଣ କଲା । ଇନ୍ଦ୍ରଦେବଙ୍କୁ ପରାସ୍ତ କରି ସ୍ୱର୍ଗର ରାଜା ବୋଲାଇଲା । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରରେ ଘୋର ଅତ୍ୟାଚାର କଲା। ଏହା ଦେଖି ସମସ୍ତେ ତ୍ରାହି ତ୍ରାହି ଡାକିଲେ। ଏଣୁ, ସବୁ ଦେବଦେବୀ ମିଶି ମହିଷାସୁରର ଅତ୍ୟାଚାର ରୋକିବାକୁ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ଏହାପରେ ବ୍ରହ୍ମା–ବିଷ୍ଣୁ–ମହେଶ୍ୱର, ତ୍ରିଦେବ ମିଶି ମହିଷାସୁରକୁ ବଧ କରିବାକୁ ଚିନ୍ତା କଲେ । ମାତ୍ର ବ୍ରହ୍ମାଙ୍କ ବର ଅନୁସାରେ ମହିଷାସୁରକୁ କେହି ବି ପୁରୁଷ ମାରି ପାରିବେ ନାହିଁ। ଏଣୁ ମହିଷାସୁରକୁ କେବଳ ଜଣେ ନାରୀ ହିଁ ବଧ କରିପାରିବେ । ଏଥିପାଇଁ ତ୍ରିଦେବଙ୍କ ସମେତ ସବୁ ଦେବଦେବୀ ମିଶି ଆଦିଶକ୍ତି ରୂପେ ଦେବୀ ଦୁର୍ଗାଙ୍କୁ ନିଜ ନିଜର ସମସ୍ତ ଅସ୍ତ୍ର ଓ ଶକ୍ତି ପ୍ରଦାନ କଲେ। ମହିଷାସୁରର ପାପ–ଅତ୍ୟାଚାରର ଅନ୍ତ ପାଇଁ ଦେବୀ ଦୁର୍ଗା ଉଗ୍ରରୂପ ଧାରଣ କଲେ ଏବଂ ଧରାରେ ଧର୍ମ ଓ ନ୍ୟାୟ ପ୍ରତିଷ୍ଠା ଲାଗି ଦଶଭୁଜା ରୂପରେ ମହିଷାସୁରକୁ ବଧ କଲେ । ସେଦିନଠାରୁ ଦେବୀ ଦୁର୍ଗାଙ୍କୁ ମହିଷମର୍ଦ୍ଦିନୀ ରୂପେ ଲୋକେ ପୂଜା କଲେ ଏବଂ ନାରୀ ଶକ୍ତିକୁ ସମସ୍ତେ ସମ୍ମାନ ଦେଲେ । ହିନ୍ଦୁ ଧର୍ମ ଅନୁସାରେ ଧର୍ମ ଓ ଶାନ୍ତି ଦିବସ ଭାବେ ସେବେଠାରୁ ଏହିଦିନଟି ବିଜୟା ଦଶମୀ ବା ପବିତ୍ର ଦଶହରା ରୂପେ ପାଳିତ ହେଉଛି।

**–ଶିବରାମ ମହାପାତ୍ର**, ମହିତମା, ନୟାଗଡ଼

## -: ସୂଚନା :-

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795





# ଆସ ପାଳିବା ଦୁର୍ଗାପୂଜା

ଧରାପୃଷ୍ଠକୁ ଅବତରଣ କରିବେ ମା' ଦୁର୍ଗା । ତାଙ୍କ ଆଗମନ ଲାଗି ଏବେ ଗାଁଠୁ ସହର ସବୁଠି ଚାଲିଛି ପ୍ରସ୍ତୁତି । ଏହି ପାର୍ବଣକୁ ଛାତ୍ରୀଛାତ୍ରମାନେ କିଭଳି ପାଳନ କରିବା ପାଇଁ ଯୋଜନା କରିଛନ୍ତି ସେ ସମ୍ପର୍କରେ...

## ପିଠାପଣା ଖାଇ, ନୂଆ ଡ୍ରେସ ପିନ୍ଧି ବୁଲିବି



ପୂଜାଛୁଟିରେ ମୁଁ ଆଈ ଘରକୁ ଯାଇ ଛୁଟି ବିତାଇବି। ସେଠି ମାମୁ, ମାଈଁ, ଆଭା ସହ ଦୁର୍ଗାପୂଜା ବୁଲି ଦେଖିବି। ପିଠାପଣା ଖାଇବି। ନୂଆ ଡ୍ରେସ ପିନ୍ଧିବି, ଖୁସିରେ ସମୟ କାଟିବି। ନୂଆସାଙ୍ଗମାନେ ମାମୁ ଘରେ ଅଛନ୍ତି ତାଙ୍କ ସହ ମିଶି ଖେଳିବି। ଏହା ଆମ ସମସ୍ତଙ୍କ ପାଇଁ ଖୁସିର ପର୍ବ।

- **ଓମ୍ ସ୍ୱରୂପ ଆଚାର୍ଯ୍ୟ**, କ୍ଲାସ-୪, କିଡ୍‌ଜୀ, ଶାନ୍ତି ନଗର, ଗୁଣପୁର

## ହୋମୱର୍କ ସାରି ପୂଜା ମଣ୍ଡପ ବୁଲିବି



ଦଶହରା ଛୁଟିରେ ପାଠପଢ଼ିବି। ପୂଜାଦିନ ଭୁବନେଶ୍ୱରରେ ଥିବା ବିଭିନ୍ନ ତୋରଣକୁ ମୁଁ, ମୋ ଭାଇ, ବାପା, ମମି ସହ ବୁଲି ଦେଖିବି। ପୂଜା ପୂର୍ବରୁ ପାଠ ପଢ଼ା ସବୁ ସାରିବାକୁ ଯୋଜନା ରଖିଛି। ସ୍କୁଲ୍‌ରେ ଦିଆଯାଇଥିବା ହୋମୱର୍କକୁ ସାରିଲା ପରେ ଯାଇ ବୁଲାବୁଲିରେ ମନଧାନ ଦେବି।

- **କାମଦେବ ପରିଡା**, କ୍ଲାସ ୮, ବିଜେଇଏମ୍ ସ୍କୁଲ, ସତ୍ୟଭାମାପୁର, ଭୁବନେଶ୍ୱର

## ଆଗକୁ ମାଟ୍ରିକ ପରୀକ୍ଷା ପଢ଼ାପଢ଼ି କରିବି



ଏଥର ଦଶହରା ଛୁଟିରେ ବେଶି ବୁଲାବୁଲି କରିବିନି। କାରଣ ଆଗକୁ ମୋର ମାଟ୍ରିକ ପରୀକ୍ଷା ଅଛି ଏଥିପାଇଁ ପଢ଼ାପଢ଼ିରେ ମନଦେବି। ଛୁଟିରେ କୁଆଡେ ବୁଲିଯିବାର ପ୍ଲାନିଂ ନାହିଁ, ଯାହା ବୁଲିବି ଏଇ ପାଖାପାଖି ଜାଗାରେ।

- **ନିକିତା ମୁଦୁଲି, କ୍ଲାସ-୧୦**, ଲାଲବାହାଦୁର ନୋଡାଲ ହାଇସ୍କୁଲ, ଫୁଲନଖରା, କଟକ

## ଘରେ ପୂଜା ହେବ ଆଉ ପିଠାପଣାର ମଜା ନେବି



ଏହି ପର୍ବରେ ଆମ ସ୍କୁଲ୍ ୧୦ଦିନ ପର୍ଯ୍ୟନ୍ତ ଛୁଟି ହୁଏ। ଦଶହରା ଦିନ ଘରେ ସମସ୍ତେ ନୂଆ ପୋଷାକ ପିନ୍ଧିବୁ। ଘରେ ଥିବା ମୋଟର ଗାଡି ଏବଂ ଇଲେକ୍ଟ୍ରୋନିକ୍ ସାମଗ୍ରୀ ପୂଜା ହେବ। ଘରେ ପିଠାପଣା ହେବ। ପୂଜା ଶେଷ ହେବା ପରେ ଖାଇ ସାରି ସନ୍ଧ୍ୟା ସମୟରେ ସହରର ବିଭିନ୍ନ ସାହିରେ ପୂଜା ପାଉଥିବା ମାଁ ଦୁର୍ଗାଙ୍କୁ ଦର୍ଶନ କରିବା ପାଇଁ ସପରିବାର ଯିବୁ। କିନ୍ତୁ ମୁଁ ଛୁଟିରେ ଅନ୍ୟ କୌଣସି କାର୍ଯ୍ୟରେ ଧ୍ୟାନ ନ ଦେଇ ପାଠପଢ଼ାକୁ ଗୁରୁତ୍ୱ ଦେବି।

- **ଦିନେଶ୍ ବାଉରୀ**, କ୍ଲାସ-୭, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମରାଠିଗୁଡା, ଗୁଣୁପୁର

## ଏଥର ମେଲୋଡି କାର୍ଯ୍ୟକ୍ରମକୁ ଉପଭୋଗ କରିବୁ



ଦୁର୍ଗାପୂଜା ଆୟୋଜନ କରିବାରେ ଆମ ଗାଁ ଏଥର ୨୫ ବର୍ଷ ପୂର୍ତ୍ତି କରୁଛି। ତେଣୁ ଏ ବର୍ଷ ପୂଜାକୁ ଅତି ଧୁମ୍‌ଧାମ୍‌ରେ ପାଳନ କରିବାକୁ ଯୋଜନା କରିଛୁ। ସମସ୍ତେ ଏକାଠି ହୋଇ ବିଭିନ୍ନ ଜାଗାରେ ମେଲୋଡି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିବୁ। ଏହି ଛୁଟି ଅବସରରେ ଘରେ ବସି ବାକି ରହିଥିବା ପାଠକୁ ଶେଷ କରିବି।

- **ରୋଶନି ମହାପାତ୍ର**, କ୍ଲାସ୍-୧୦, ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ, ଜଳଶୁଆଁ, କେନ୍ଦୁଝର

## କଟକର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିବି



ପାର୍ବଣ ଋତୁକୁ ମୁଁ ସବୁବେଳେ ମନଭରି ଉପଭୋଗ କରେ। ସପ୍ତମୀଠାରୁ ଦଶମୀ ଯାଏଁ ମୁଁ ମୋ ପରିବାର ସଦସ୍ୟଙ୍କ ସହ କଟକ ଯାଇ ବୁଲାବୁଲି କରେ। ଏଥର ମଧ୍ୟ ସେଠାକୁ ଯାଇ ବିଭିନ୍ନ ପୂଜା ମଣ୍ଡପ ବୁଲିବି। ଏହି ଅବସରରେ ମୋତେ ନୃତ୍ୟଗୌରବରେ ସମ୍ମାନିତ କରାଯାଉଥିବାରୁ ମୁଁ ବହୁତ ଖୁସି।

- **ଇତିଶ୍ରୀ ଓଝା**, କ୍ଲାସ୍-୧୦, ଘଷିପୁରା ଉଚ୍ଚ ବିଦ୍ୟାଳୟ, ଘଷିପୁରା, କେନ୍ଦୁଝର

## ଭିଡ଼ ପାଇଁ ଆଗରୁ ସଚେତନ ରହିବି



ଏଥର ଦଶହରାରେ ଖୁବ୍ ମଜା କରିବି। ମା'ଙ୍କ ମେଢ ଦେଖିବି। ସ୍କୁଲ୍ ଛୁଟି ଥିବାରୁ ଆମେ ସାଙ୍ଗସାଥୀ ମିଶି ମା'ଙ୍କ ଦର୍ଶନ ପାଇଁ ଯିବୁ। ନୂଆ ଡ୍ରେସ୍ ପିନ୍ଧି ଏହି ଛୁଟିର ମଜା ଉଠାଇବୁ। ସନ୍ଧ୍ୟା ସମୟରେ ଖୁବ୍ ଭିଡ ହେବ। ସେଥିପାଇଁ ଆମେ ଆଗରୁ ସଚେତନ ଅଛୁ। ପୂଜା ଛୁଟିରେ କିଛି ଶପିଂ ମଧ କରିବାର ଅଛି।

- **କୁମ୍‌କୁମ୍ ସାହୁ**, କ୍ଲାସ-୯, ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ୍, ଭବାନୀପାଟଣା


## ରାବଣ ପୋଡି ଦେଖିବାର ମଜା ନିଆରା




ଦଶହରାରେ ପରିବାର ଲୋକଙ୍କ ସହ ବିଭିନ୍ନ ମେଢ ବୁଲି ଖୁବ୍ ମଜା ନେବି। ଏଥିପାଇଁ ସ୍କୁଲ୍ ହୋମ୍ ୱର୍କ ଆଗରୁ ଶେଷ କରିଦେବି। ମଜା କରିବା ସହିତ ପାଠପଢାକୁ ଗୁରୁତ୍ୱ ଦେବାକୁ ଭୁଲିବିନି। ରାବଣ ପୋଡି ଦେଖିବାର ମଜା ନିଆରା। ଏହି ସମୟରେ ବାହାର ଖାଦ୍ୟ ଆଦୌ ଖାଇବି ନାହିଁ।

- **ଦୀପ୍ ଶର୍ମା**, କ୍ଲାସ-୮, ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ୍, ଭବାନୀପାଟଣା



୧


୨



୩


୪


୫


୬


୭


୮


୯


୧୦


୧
**ଗଣେଶ ପ୍ରଧାନ**
କ୍ଲାସ-୯, ଗୋବିନ୍ଦପୁର ହାଇସ୍କୁଲ, ଗୋବିନ୍ଦପୁର, ଗଞ୍ଜାମ


୨
**ଶିବ ପ୍ରତୀମ ଦାସ**
କ୍ଲାସ -୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁଣୁପୁର


୩
**ସତ୍ୟମ୍ ଷଡ଼ଙ୍ଗୀ**
କ୍ଲାସ -୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଟାଙ୍ଗୀ, କଟକ


୪
**ଅଙ୍କିତା ପ୍ରିୟଦର୍ଶିନୀ**
କ୍ଲାସ -୪, କେନ୍ଦ୍ରୀୟ ବିଦ୍ୟାଳୟ -୧, କଟକ


୫
**ଅନୟା ମୁଖାର୍ଜୀ**
କ୍ଲାସ-୩, ଅଶୋକା ହଲ୍ ଗାର୍ଲସ ସ୍କୁଲ, କୋଲକାତା


୬
**ସଞ୍ଜୀବ କୁମାର**
ବିରୋ ଦଳାଇ, କ୍ଲାସ -୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁଣୁପୁର


୭
**ଯଶ୍ମିନ୍ ଜେନା**
କ୍ଲାସ-୮, ଲୋୟଲା ସ୍କୁଲ, ଭୁବନେଶ୍ୱର


୮
**ଶର୍ମିଷ୍ଠା ବେହେରା, କ୍ଲାସ -୧, ଭିଗ୍ୟୋର ହାଇସ୍କୁଲ, ହେନ୍ନୁର, ବାଙ୍ଗାଲୋର**


୯
**ସାଇ ସ୍ୱାତୀ ବେହେରା**
କ୍ଲାସ - ୨, ରବୀନ୍ଦ୍ର ବିଦ୍ୟା ନିକେତନ, କେନ୍ଦୁଝର


୧୦
**ବି. କ୍ରିଷ୍ଣକାନ୍ତ ଜେନା**
କ୍ଲାସ - ୬, କଣ୍ଟିଆ ନୋଡାଲ ୟୁପି ସ୍କୁଲ, ଯାଜପୁର

## କବିତା



### ଦଶହରା ପର୍ବ

ଆସିଗଲା ପିଲେ ପାର୍ବଣ ଦିନ
ଦଶଭୁଜା ମା' ଦେବେ ଦର୍ଶନ ।
ଆଶ୍ୱିନ ମାସରେ ମା'ଙ୍କ ପୂଜା
ଦେବୀ ଦୁର୍ଗା ମା' ସେ 'ଦଶଭୁଜା' ।
ଶରତ ଋତୁରେ ଧରଣୀ ରାଣୀ
ପ୍ରକୃତିକୁ ନିରିମଳ କଲାଣି ।
ଆକାଶେ ବଉଦ ଧଳା ବୋଇତ
ମା'ଙ୍କ ସ୍ୱାଗତେ ଭସାଇଛି ତ ।
କାଶତଣ୍ଡୀ ଧାଡ଼ି ପଠା ପ୍ରାନ୍ତରେ
ଉଭା ହୋଇଲେଣି ଭକତିଭରେ ।
କାଚକେନ୍ଦୁ ପରି ସରସୀ ଜଳେ
ନୀଳକଇଁ ସଙ୍ଗେ ମରାଳ ଖେଳେ ।
ତ୍ରେତୟା ଯୁଗରେ ରାବଣବଧ
କରିବାକୁ ରାମ କରିଲେ ଯୁଦ୍ଧ ।
ଦୁର୍ଗା ମା'ଙ୍କର ପୂଜା କରିଲେ
ଏକଶତ ଆଠ ପଦୁଅଁ ଦେଲେ ।
ମାୟାରେ କଲେ ମା' ଫୁଲ ହରଣ
ଅଥୟେ ଚିନ୍ତିଲେ ପଦ୍ମଲୋଚନ ।
ଚକ୍ଷୁ ଉତ୍ପାଟନ ପାଇଁ ଉଦ୍ୟତ
ଦେଖି ମା' ଦୁର୍ଗା ଦେଲେ ଆଶିଷ ।
ଦଶଶିର ଦୈତ୍ୟରାଜା ରାବଣ
ଶ୍ରୀରାମଙ୍କ ହସ୍ତେ ହେଲେ ନିଧନ ।
ଦଶଶିର ଯେଣୁ ଛେଦନ ହେଲା
ଦଶହରା ପର୍ବ ନାମ ରହିଲା ।।
ମା'ଙ୍କୁ ଭକ୍ତିରେ ପୂଜିବା ଯେବେ
ସନ୍ତାନଙ୍କୁ ମା' ଆଶିଷ ଦେବେ ।
ଦଶହରା ହେଉ ମଙ୍ଗଳମୟ
ମା'ଙ୍କ ପୟରେ ରଖିବା ଲୟ ।

**– ସବିତା ମଞ୍ଜରୀ ଦାଶ**
ପ୍ଲଟ ନଂ.– ୭/ଡି.୧୩୧୦
ସେକ୍ଟର–୯, ସି.ଡି.ଏ, କଟକ–୧୪
ମୋ:୯୪୩୭୭୪୪୧୦୦

### ଅଶିଣ ଆସିଛି



କାଶତଣ୍ଡୀ ଫୁଲେ ଦେଖ
ଅଶିଣ ଆସିଛି,
ଚଉଦିଗେ ସତେ ଅବା
ଅଭ୍ର ବରଷିଛି ।
ଅଭ୍ରଖଣ୍ଡେ ଆସିବେ ମା'
ଦୁର୍ଗତି–ନାଶିନୀ
ମର୍ତ୍ତ୍ୟେ ଓହ୍ଲାଇବେ ମା'
କମ୍ପିବ ମେଦିନୀ ।
ଅଶିଣ ଆଣିଛି ପରା ସତେ
ଖୁସିର ଜୁଆର
ଭେଟିଦେବ କେତେ କେତେ
ପର୍ବ–ପର୍ବାଣିର ।
ବସ୍ତ୍ର ଓ ମୁକୁଟ ଦେଖ
ଜଗତ୍‌ଜନନୀର
ଶୁଭମୟ ସଦାହେଉ
ଏ ସାରା ସଂସାର ।

**– ଅଧ୍ୟାପିକା ପ୍ରତିଭା ସାହୁ**
ତାମ୍ରିତ୍ କଲୋନୀ, ଅନୁଗୋଳ
ମୋ:୯୮୬୧୧୫୧୭୫୦



# ବରଫରେ ନିର୍ମିତ ଦୁର୍ଗାମୂର୍ତ୍ତି

ପାର୍ବଣର ମାହୋଲକୁ ଆଉ ଟିକିଏ ମନୋରଞ୍ଜନଧର୍ମୀ କରିବା ପାଇଁ ବିଭିନ୍ନ ସଂସ୍ଥା ତଥା କ୍ଲବ୍ ପକ୍ଷରୁ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ସୁନ୍ଦର ମୂର୍ତ୍ତିମାନ ନିର୍ମାଣ କରାଯାଉଛି । ଏହିଭଳି ଭିନ୍ନ ଭିନ୍ନ ମୂର୍ତ୍ତିକୁ ଦେଖିବା ପାଇଁ ଦର୍ଶକଙ୍କ ନାହିଁ ନ ଥିବା ଭିଡ ମଧ୍ୟ ଦେଖିବାକୁ ମିଳେ । ଏହି ଅବସରରେ ଗତବର୍ଷ କୋଲକାତାର ଏକ୍ସିସ୍ ମଲ ରାଜାରହାଟ ସ୍ନୋ ପାର୍କଠାରେ ନିର୍ମାଣ କରାଯାଇଥିଲା ବରଫରେ ନିର୍ମିତ ଦୁର୍ଗାମୂର୍ତ୍ତି । ୧୦ ଫୁଟ ଲମ୍ବ ଏବଂ ୧୩ ଫୁଟ ଓସାର ବିଶିଷ୍ଟ ଏହି ଥ୍ରୀଡି ମୂର୍ତ୍ତିକୁ ଲୋକେ ଟିକେଟ କାଟି ଦର୍ଶନ କରିଥିଲେ । ସ୍ନୋ ପାର୍କରେ ସମଗ୍ର ପେଣ୍ଡାଲଟିକୁ ବରଫରେ ନିର୍ମାଣ କରାଯାଇଥିଲା । ମାଇନସ୍ ୬ ଡିଗ୍ରୀ ତାପମାତ୍ରା ଭିତରେ ଏହି ମୂର୍ତ୍ତି ଏବଂ ପେଣ୍ଡାଲକୁ ସୁରକ୍ଷିତ ରଖାଯାଇଥିଲା । ତେବେ ଲୋକଙ୍କ ମଧ୍ୟରେ ବିଶ୍ୱତାପନ ସଂପର୍କରେ ସଚେତନତା ସୃଷ୍ଟି କରିବା



ଲାଗି ସଂସ୍ଥା ତରଫରୁ ଏଭଳି ଏକ ନିଆରା ପ୍ରଚେଷ୍ଟା ନିଆଯାଇଥିବା କଥା କୁହନ୍ତି ସଂସ୍ଥାର ମେନେଜିଙ୍ଗ ପାର୍ଟନର ସୁନୀଲ ଅଗରୱାଲ ।

## କହିଲ ଦେଖି

**ପ୍ରଶାନ୍ତ କୁମାର ନାଥ**, ସୁନ୍ଦରପୁର,
ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର
ମୋ:୮୮୯୨୩୦୧୧୪୩

ଥକି ପଡିନାହିଁ କେବେ ବି ଥରେ
ଅବିରାମ ଗତି ସର୍ବଦା କରେ
ଚାଲିଗଲେ ଥରେ ଜମା ଫେରେନି
ବର୍ଷା ଖରା ଶୀତ ଜମା ମାନେନି ।
ଉତ୍ତର:ସମୟ




ଆମିଷ ଦରବେ ଲୋଭ ତାହାର
ଲୁଚି ଲୁଚି ସେ କରେ ଆହାର
କ୍ଷୀରକୁ ଯେଉଁଠି ଦେଲେ ବି ଥୋଇ
ସୁଯୋଗ ଖୋଜୁଥାଏ ପିଇବା ପାଇଁ ।
ଉତ୍ତର: ବିଲେଇ



ବଜାର ଗଲେ ସେ ସାଥିରେ ଥାଏ
ବିଦ୍ୟାଳୟ ଗଲେ ପଛରେ ଧାଏଁ
ଧନୀ ଗରିବ ଓ ସଭିଙ୍କ ସାଥୀ
ଦେଖିନି ଉପକାରୀ ବନ୍ଧୁ ଏମିତି ।
ଉତ୍ତର: ବ୍ୟାଗ୍

ବଡ଼ ଗଛ କିନ୍ତୁ ଛୋଟିଆ ଫଳ
ଭାରି ବହଳିଆ ଥାଏ ଓହଳ
ନାଲି ଟୁକୁ ଟୁକୁ ଫଳ ଦିଶେ ସୁନ୍ଦର
ଫଳୁଥିଲେ ଫଳ କି ମନୋହର ।
ଉତ୍ତର: ବରଗଛ

ଆଖି ନୁହେଁ କିନ୍ତୁ ରସ ଝରୁଛି
ସମସ୍ତଙ୍କ ମନ ସିଏ କିଣୁଛି
ବଙ୍ଗଳା କହୁଛି ସିଏ ମୋହରି ଧନ
ଓଡିଆ କୁହନ୍ତି ଆମ ମାନ ସମ୍ମାନ ।
ଉତ୍ତର: ରସଗୋଲା






- କେଉଁ ଓଡିଆ ମାସରେ ଦୁର୍ଗାପୂଜା ପାଳନ କରାଯାଏ ?
- ଦେବୀ ଦୁର୍ଗା କେଉଁ ଅସୁରକୁ ବଧ କରିଥିଲେ ?
- ଦୁର୍ଗାଙ୍କ ବାହନ କିଏ ?
- ଦୁର୍ଗାପୂଜା ବା ଦଶହରାକୁ ଆଉ କେଉଁ ନାଁରେ ପାଳନ କରାଯାଏ ?
- ଦୁର୍ଗତିନାଶିନୀ ବୋଲି କାହାକୁ ସମ୍ବୋଧନ କରାଯାଏ ?


### ଆରଥରର ଉତ୍ତର

- ଶ୍ରଦ୍ଧାଞ୍ଜଳି ସାମନ୍ତରାୟ
- ଦିଲୀପ ତିର୍କୀ
- ଦେବାଶିଷ ମହାନ୍ତି
- ଦୂତୀ ଚାନ୍ଦ
- ଅନୁରାଧା ବିଶ୍ୱାଳ


### ଆସ ଚିହ୍ନିବା ଉତ୍ତର

୧. ଚାର ମିନାର
୨. ଗୋଲକୋଣ୍ଡା ଫୋର୍ଟ
୩. ସ୍ୱର୍ଣ୍ଣ ମନ୍ଦିର

### ପାର୍ଥକ୍ୟ ଦର୍ଶାଅ



ନାମ : ଶ୍ରେଣୀ :
ସ୍କୁଲ : ଠିକଣା :



# ଦୁର୍ଗାପୂଜା କେଉଁଠି କେମିତି?

**ଶକ୍ତିସ୍ୱରୂପିଣୀ ମା' ଦୁର୍ଗାଙ୍କର ନଅଦିନ ବ୍ୟାପି ଏହି ପୂଜାକୁ ଦେଶ ସାରା ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ତେବେ ବିଭିନ୍ନ ରାଜ୍ୟରେ ଏହି ଉତ୍ସବକୁ ପାଳନ କରିବାର ପରମ୍ପରା ଭିନ୍ନ ଭିନ୍ନ ଥାଏ। ତେବେ ଦୁର୍ଗାପୂଜା କେଉଁଠି କେମିତି ପାଳନ କରାଯାଏ ସେ ସମ୍ପର୍କରେ ସୂଚନା...**


* **ଉତ୍ତର ଭାରତ:–** ଏଠାରେ ଲୋକେ ସକାଳୁ ପୂଜାର୍ଚ୍ଚନା ସାରି ମା' ଦୁର୍ଗାଙ୍କର ଆଶୀର୍ବାଦ ଲାଭ କରନ୍ତି। ଏହା ବ୍ୟତୀତ ଝିଅମାନେ ଭାଇ ମୁଣ୍ଡରେ ତିଳକ ଲଗାଇ ସେମାନଙ୍କ ଦୀର୍ଘ ଜୀବନ କାମନା କରନ୍ତି।

* **କୁଲୁ:–** ହିମାଚଳପ୍ରଦେଶର କୁଲୁଠାରେ ଏହି ପର୍ବକୁ ବେଶ୍ ଆଡମ୍ବର ସହ ପାଳନ କରାଯାଏ। ଏଠାରେ ଏହି ପର୍ବ କୁଲୁ ଦଶହରା ଭାବେ ପରିଚିତ।

* **ଗୁଜରାଟ:–** ଦଶହରା ବା ନବରାତ୍ରରେ ଗୁଜରାଟ ଉତ୍ସବମୁଖର ହୋଇଉଠେ। ଏଠାରେ ଲୋକମାନେ ପାରମ୍ପରିକ ପୋଷାକ ପରିଧାନ କରି ସେଠାକାର ଲୋକନୃତ୍ୟ 'ଗରବା' ପରିବେଷଣ କରିଥାନ୍ତି।

* **ଓଡିଶା, ପଶ୍ଚିମବଙ୍ଗ ଓ ଆସାମ:–** ଆସାମରେ ଏହି ପର୍ବ 'ଦଶୈନ' ଭାବେ ପରିଚିତ ଥିବା ବେଳେ ପଶ୍ଚିମବଙ୍ଗରେ 'ବିଜୋୟା ଦଶମୀ' ଏବଂ ଓଡିଶାରେ ଦଶହରା, ଶାରଦୀୟ ଦୁର୍ଗାପୂଜା ଭାବେ ଖ୍ୟାତ। ଏହି ସ୍ଥାନରେ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମାମାନ ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଏହି ସମୟରେ ପଶ୍ଚିମବଙ୍ଗରେ ମହିଳାମାନେ ପରସ୍ପରକୁ ସିନ୍ଦୂର ଲଗାଇ ଏହି ଉତ୍ସବ ପାଳନ କରିବାର ପ୍ରଥା ମଧ୍ୟ ରହିଛି।

* **ମସୌରୀ:–** ଏଦିନ ଏଠାରେ ସଂପୂର୍ଣ୍ଣ ସହରକୁ ବିଭିନ୍ନ ଆଲୋକମାଳା ଏବଂ ପୁଷ୍ପରେ ସୁସଜ୍ଜିତ କରାଯାଇଥାଏ। ଏହି ସମୟରେ ହାତୀମାନଙ୍କୁ ବିଭିନ୍ନ ପାରମ୍ପରିକ ବସ୍ତ୍ର, ଅଳଙ୍କାର ଏବଂ ପୁଷ୍ପ ଦ୍ୱାରା ସୁସଜ୍ଜିତ କରାଯାଇ ସହର ପରିକ୍ରମା କରିବାର ପ୍ରଥା ରହିଛି।



## ଚକୋଲେଟରେ ନିର୍ମିତ ଦୁର୍ଗାମୂର୍ତ୍ତି

**ଶା**ରଦୀୟ ଦୁର୍ଗାପୂଜା ଲାଗି ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ଏବେ ସଜ୍ଜିତ ହୋଇ ରହିଛି। ବିଭିନ୍ନ ଥିମ୍‌କୁ ନେଇ ଅନେକ ସୁନ୍ଦର ସୁନ୍ଦର ପ୍ରତିମାମାନ ନିର୍ମାଣ କରାଯାଉଛି। ଠିକ୍ ସେହିଭଳି ଗତବର୍ଷ ଏହି ପାର୍ବଣରେ ଆଉ ଟିକିଏ ରଙ୍ଗ ଭରିବା ପାଇଁ କୋଲକାତାର ଏକ ହୋଟେଲ ୬ ଫୁଟ ଉଚ୍ଚ ବିଶିଷ୍ଟ ଦୁର୍ଗାଙ୍କ ଚକୋଲେଟ ମୂର୍ତ୍ତି ନିର୍ମାଣ କରି ବେଶ ଚର୍ଚ୍ଚାରେ ରହିଥିଲା। ହୋଟେଲର ସେଫ୍ ସୁନୀଲଙ୍କ ତତ୍ତ୍ୱାବଧାନରେ ୩ ଜଣ କାରିଗରଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି ମୂର୍ତ୍ତିରେ ୬୦୦ କିଲୋଗ୍ରାମ ଓଜନର ଚକୋଲେଟ ବ୍ୟବହାର କରାଯାଇଥିଲା।

## ଆସ ଜାଣିବା

### ଓଡ଼ିଶାର ପ୍ରମୁଖ ଶକ୍ତିପୀଠ

* ଭଗବତୀ ପୀଠ– ବାଣପୁର
* ବିମଳା ପୀଠ– ପୁରୀ
* ଶାରଳା ପୀଠ– ଝଙ୍କଡ଼
* ବିରଜା ପୀଠ– ଯାଜପୁର
* ଚର୍ଚ୍ଚିକା ପୀଠ– ବାଙ୍କୀ
* ସମଲାଇ ପୀଠ– ସମ୍ବଲପୁର
* ହିଙ୍ଗୁଳା ପୀଠ– ତାଳଚେର
* ମଙ୍ଗଳା ପୀଠ– କାକଟପୁର

### ଦେବୀଙ୍କ ନବଦୁର୍ଗା ରୂପ

* ଶୈଳପୁତ୍ରୀ
* ବ୍ରହ୍ମଚାରିଣୀ
* ଚନ୍ଦ୍ରଘଣ୍ଟା
* କୁଷ୍ମାଣ୍ଡ
* ସ୍କନ୍ଦମାତା
* କାତ୍ୟାୟନୀ
* କାଳରାତ୍ରୀ
* ମହାଗୌରୀ
* ସିଦ୍ଧିଦାତ୍ରୀ







# ଆଇନା







